ଓଡ଼ିଶା ସରକାର

ଖରିଫ ଧାନ ସଂଗ୍ରହ ପାଇଁ
ଚାଷୀ ପଞ୍ଜିକରଣ

ଧାନ ସଂଗ୍ରହ ବର୍ଷ 2019-20

ଖାଦ୍ୟ ଯୋଗାଣ ଓ ଖାଉଟି
କଲ୍ୟାଣ ବିଭାଗ

ସର୍ବସାଧାରଣଙ୍କ ଅବଗତି ନିମନ୍ତେ

# ପଞ୍ଜିକୃତ ତଥ୍ୟର ଚିଠା ପ୍ରକାଶନ

(ଦ୍ୱିତୀୟ ଏବଂ ଶେଷ ପର୍ଯ୍ୟାୟ)

- ➢ ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ କାର୍ଯ୍ୟକ୍ରମ 17 ସେପ୍ଟେମ୍ବରରେ ଶେଷ ହୋଇଛି।
- ➢ ସଂଗୃହୀତ ଦରଖାସ୍ତଗୁଡିକର ପେକ୍ସ/ ଲ୍ୟାମ୍ପ୍ସ ଆଦିରେ ଅନଲାଇନ ପ୍ରକ୍ରିୟାରେ କମ୍ପ୍ୟୁଟରୀକୃତ କରାଯିବା ପ୍ରକ୍ରିୟା(ଡିଜିଟାଇଜେସନ) 22 ସେପ୍ଟେମ୍ବରରେ ଶେଷ ହୋଇଛି ।

- ✓ ପଞ୍ଜିକୃତ ଚାଷୀମାନେ ଖରିଫ ଧାନ ଚାଷ କରିଥିବା ଜମିର ପରିମାଣ ବାବଦ ତଥ୍ୟ ସମ୍ବଳିତ ଚିଠା (ତା.1.9.2019 ରୁ ତା.22.9.2019 ରିଖ ମଧ୍ୟରେ କମ୍ପ୍ୟୁଟରୀକୃତ ତଥ୍ୟ ଅନୁଯାୟୀ) ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରାଯିବ ।
- ✓ ଏହି ତଥ୍ୟ ପଞ୍ଜିକରଣ କାର୍ଯ୍ୟ ସମ୍ପାଦନ କରୁଥିବା ସମ୍ପୃକ୍ତ ସମିତି, ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଓ କଣ୍ଟ୍ରୋଲ ଦୋକାନରେ ତା.25.9.2019 ରୁ ତା.30.9.2019 ମଧ୍ୟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରାଯିବ ।
- ✓ ସବିଶେଷ ତଥ୍ୟ ସମ୍ପୃକ୍ତ ପଞ୍ଜିକରଣକାରୀ ପେକ୍ସ/ ଲ୍ୟାମ୍ପ୍ସ ଆଦିରେ ଉପଲବ୍ଧ କରାଯିବ ଏବଂ ପଞ୍ଜିକୃତ ଚାଷୀ/ ସର୍ବସାଧାରଣ ତା'ହା ନିରୀକ୍ଷଣ କରିପାରିବେ ।
- ✓ ଯଦି ପ୍ରକାଶିତ ତାଲିକାରେ କୌଣସି ତ୍ରୁଟି ପରିଲକ୍ଷିତ ହେଉଥାଏ, ତତ୍ ସମ୍ବନ୍ଧୀୟ ଅଭିଯୋଗ ଯେ କୌଣସି ନାଗରିକ ସମ୍ପୃକ୍ତ ପ୍ରକାଶନ ସ୍ଥଳରେ ଆସନ୍ତା ତା.3.10.2019 ସୁଦ୍ଧା ଦରଜ କରିପାରିବେ ।

- ➢ ଆପତ୍ତି କରିବା ପାଇଁ ନିର୍ଦ୍ଧାରିତ ଫର୍ମ ପ୍ରକାଶନ ସ୍ଥଳରେ ଉପଲବ୍ଧ ହେବ ।
- ➢ ଆଗ୍ରହୀ ନାଗରିକଙ୍କୁ ସବିଶେଷ ପଞ୍ଜିକୃତ ତଥ୍ୟ ଜାଣିବା ପାଇଁ ପେକ୍ସ/ ଲ୍ୟାମ୍ପ୍ସ ଆଦି ଆବଶ୍ୟକୀୟ ସୁଯୋଗ ଦେବେ ।
- ➢ ସମିତି ସମ୍ପାଦକ/ ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ/ କଣ୍ଟ୍ରୋଲ ଡିଲର ଅଭିଯୋଗକାରୀଙ୍କ ଦସ୍ତଖତ ସମ୍ବଳିତ ଆପତ୍ତି ପତ୍ର ପ୍ରାପ୍ତି ସ୍ୱୀକାର ସହ ଗ୍ରହଣ କରିବେ ।
- ➢ ଏକ ନିର୍ଭୁଲ ଓ ସତ୍ୟନିଷ୍ଠ ଚାଷୀ ତାଲିକା ପ୍ରସ୍ତୁତ କରିବା ସରକାରଙ୍କ ଲକ୍ଷ୍ୟ ।
- ➢ ଏ ବାବଦରେ ସହାୟତା କରିବା ପାଇଁ ଜନସାଧାରଣଙ୍କୁ ବିନମ୍ର ଅନୁରୋଧ ।